# ପୃଥକ୍ ଦୁର୍ଘଟଣାରେ ଗଲା ୫ ଜୀବନ

## ବାଇକ୍‌କୁ ଧକ୍କା ଦେଇ ୬ ଫୁଟ ତଳକୁ ଖସିଲା କାର୍

### ବାଇକ୍ ଚାଳକ ମୃତ, ୪ କାର୍ ଯାତ୍ରୀ ଆହତ


ରାସ୍ତା ତଳକୁ ଖସିପଡ଼ିଥିବା କାର ।

ଦିଗପହଣ୍ଡି,୨୧(ଡି.ଏନ.ଏ.)–ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତ ରାଜନପଲ୍ଲୀ ଗ୍ରାମ ନିକଟ ୩୨୬ନଂ. ଜାତୀୟ ରାଜପଥରେ ଏକ ବାଇକ୍‌କୁ କାର ଧକ୍କା ଦେଇ ୬ ଫୁଟ ତଳକୁ ଖସି ପଡ଼ିଛି। ସୋମବାର ସକାଳେ ଏହି ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ କାର୍‌ରେ ଥିବା ୪ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳର ଅବିନାଶ ରେଡ୍ଡୀ। ଅବିନାଶ ବାଇକ୍ (ଓଆର୦୭ଏମ୬୮୨୪)ରେ ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ କୋରାପୁଟରୁ ବ୍ରହ୍ମପୁର ଆସୁଥିବା କାର(ଓଡ଼ି୩୦ଇ୪୫୪୫) ଧକ୍କା ଦେଇଥିଲା। ଫଳରେ ଅବିନାଶ ଏକ ଗଛରେ ପିଟି ହୋଇ ଚେତାଶୂନ୍ୟ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ବାଇକ ଚାଳକଙ୍କ ସହ କାର ମଧ୍ୟ ଆହତ ୪ ଜଣଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅଭିନାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପୋଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲିକ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ଅବିନାଶଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ପାଟପୁର ଥାନାରେ ନଂ.୨/୨୩ରେ ମାମଲଶ ରୁଜୁ କରାଯାଇଛି।

## କଲେଜ ବସ୍ ଧକ୍କାରେ ଜଣେ ମୃତ

### ଜାତୀୟ୍ ରାଜପଥ କଡ଼ରେ ପୁଣି ଏକ ଦୁର୍ଘଟଣା

ବ୍ରହ୍ମପୁର ଅଫିସ,୨୧

୧୬ ନଂ.ଜାତୀୟ ରାଜପଥ ହଳଦିଆପଦର ବାଇପାସ୍ ନିକଟରେ ସୋମବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଓଁ ସାଇ ନାମକ ଏକ କଲେଜ ବସ୍ ଧକ୍କାରେ ଉକ୍ତ କଲେଜର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜାମୁନି ଗ୍ରାମର ଦୁର୍ଯ୍ୟୋଧନ ବେହେରା। ତାଙ୍କ ସ୍ତ୍ରୀ ହାଡ଼ିଆଣୀ ଏମ୍‌କେସିଜିରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ନଂ.୪/୨୩ ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ,ଗତ ରବିବାର ମଧ୍ୟାହ୍ନରେ ମଧ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟ ଇସ୍କନ ମନ୍ଦିର ସମ୍ମୁଖରେ ଚଳିତ ବର୍ଷ ଆରମ୍ଭରେ ପ୍ରଥମ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ସୋମବାର ପୁଣି ଏକ ଦୁର୍ଘଟଣାରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ଦୁର୍ଯ୍ୟୋଧନ ସୋମବାର ସକାଳେ ଓଁ ସାଇ କଲେଜକୁ ଯାଉଥିଲେ। କଲେଜ ନିକଟରେ ପଛପଟୁ ଆସୁଥିବା କଲେଜର ଓଁ ସାଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ପଡ଼ିଯାଇଥିଲେ। କଲେଜର କେତେଜଣ କର୍ମଚାରୀ ତାଙ୍କୁ ଉଦ୍ଧାରକରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ସୋରଡ଼ା,୨୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡ଼ା–ବଡ଼ଗଡ଼ ରାସ୍ତା ଖରିଗୁଡ଼ା ଛକରେ ସୋମବାର ଏକ ଆମ୍ବୁଲାନ୍ସ ଦମ୍ପତିଙ୍କୁ ଧକ୍କା ଦେବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୋରସିଙ୍ଗି ପଞ୍ଚାୟତ ଗୁଣ୍ଡିବିରା ଗ୍ରାମର ଜୟ ମହାକୁଡ଼(୬୦)। ତାଙ୍କ ସ୍ତ୍ରୀ ସୁବାସିନୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସୋରଡ଼ା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଚାଳକ ଶିବଶଙ୍କର ନାୟକ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ଗୁଣ୍ଡିବିରା ଗ୍ରାମର ଜୟ ଓ ଆଶାକର୍ମୀ ଥିବା ତାଙ୍କ ସ୍ତ୍ରୀ ସୁବାସିନୀ ବାଇକ୍‌ରେ ବଡ଼ଗଡ଼ ଯାଉଥିଲେ। ଏହି ସମୟରେ ବଡ଼ଗଡ଼ ଡାକ୍ତରଖାନାରେ ରୋଗୀଙ୍କୁ ଛାଡ଼ି ସୋରଡ଼ା ଫେରୁଥିବା ଆମ୍ବୁଲାନ୍ସଟି ଖରିଗୁଡା ଛକରେ ଜୟଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ସୋରଡ଼ା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋରଡ଼ା ଥାନା ଏସ୍‌ଆଇ ସୁନୀଲ କଣ୍ଡୋଗୋରୀ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଗାଡ଼ି ୨ଟିକୁ ଜବତ କରିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ଖଲ୍ଲିକୋଟ, ୨୧ (ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଲଙ୍ଗଳେଶ୍ୱର ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଭେଜିପୁଟ ଗ୍ରାମର ତ୍ରିନାଥ ନାୟକ। ତ୍ରିନାଥ ରବିବାର ସନ୍ଧ୍ୟାରେ କୌଣସି କାମରେ ବାହାରକୁ ଯାଇଥିଲେ। ରାତିରେ ସେ ଫେରି ନ ଥିଲେ। ସୋମବାର ଭୋରରେ ତ୍ରିନାଥ ନାରାୟଣୀ ଛକରୁ ଚାଲିଚାଲି ଆସୁଥିବା ବେଳେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଅଜଣା ଗାଡ଼ି ଲଙ୍ଗଳେଶ୍ୱର ନିକଟରେ ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ତ୍ରିନାଥଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ବାଇକ୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ଆସିକା,୨୧(ଡି.ଏନ.ଏ.)

ଆସିକା–ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ଠାରୁ ବଜ୍ରକୋଟ ରାସ୍ତାରେ ସୋମବାର ଅପରାହ୍ନରେ ବାଇକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ହିଞ୍ଜିଳିକାଟୁର କ୍ଷେତ୍ରବାସୀ ସାହୁ (୫୦)। ଦୁର୍ଘଟଣାରେ ବାଇକ୍ ଚାଳକ ଭେଟନଇ ଗ୍ରାମର କାଳୁଚରଣ ସ୍ୱାଇଁ (୨୩) ମଧ ଗୁରୁତର ଆହତ ହୋଇଛନ୍ତି। ଏକ କ୍ରଶରରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା କ୍ଷେତ୍ରବାସୀ ଚାରିମଇଲି ଛକକୁ ଆସିଥିବା ବେଳେ କାଳୁଙ୍କ ବାଇକ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ କ୍ଷେତ୍ରବାସୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । କାଳୁଙ୍କୁ ପ୍ରାଥମିକ ଚିକିତ୍ସା ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି । ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରାଯିବା ସହ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଶୁଭମ୍


@ ଜଗନ୍ନାଥ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଞ୍ଜାମ ଜିଲା ଆଦିବାସୀ ଉନ୍ନୟନ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ


ସଭାମଞ୍ଚ ରେ ଉପସ୍ଥିତ ଅତିଥିବୃନ୍ଦ।

ଦିଗପହଣ୍ଡି,୨୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଆଦିବାସୀ ଉନ୍ନୟନ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାମଗୁଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ଜିଲା ସଭାପତି ଶରତ ମଳିକ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ସୁଦାମ ମଳିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଚିକିଟି ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ସାମାଜିକ କର୍ମୀ ସୁରେନ୍ଦ୍ର ମଣ୍ଡଳ, ଜିଲା ପରିଷଦ ସଦସ୍ୟ ଏମ.ନାଗରାଜ, ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ଜ୍ୟୋତିରାଜ ରେଡ୍ଡୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଦିବାସୀ ସଙ୍ଗଠନର ଅଭିବୃଦ୍ଧି ଏବଂ ବିବିଧ ସମସ୍ୟା ନେଇ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ସଙ୍ଗଠନର ବଡ଼ ଖେମୁଣ୍ଡି ତାଲୁକା ସଭାପତି କାଳୁ ମଳିକ, କୃଷ୍ଣଚନ୍ଦ୍ର ମଳିକ, ବିକ୍ରମ ମଳିକ, ବାଲ୍ୟ ମଳିକ, ସୁଦାମ ମଳିକ, ଧରାକୋଟ ଓ ଘୁମୁସର ତାଲୁକା ସଭାପତି ସୁଦାମ ମଳିକ, ଗୋବିନ୍ଦ ମଳିକଙ୍କ ସମେତ ୭ ତାଲୁକାର ସମସ୍ତ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ ବୃନ୍ଦ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନର ସମ୍ପାଦକ ସୁଦାମ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଇଙ୍କୁ ଆକ୍ରମଣ କରି ଭାଇ ଗିରଫ

**ବ୍ରହ୍ମପୁର ଅଫିସ,୨୧:** ଘର ଭାଗ ବଣ୍ଟାକୁ ନେଇ ରାମ ସାହୁଙ୍କୁ ହତ୍ୟା ଉଦ୍ୟମ କରିଥିବା ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ତାଙ୍କ ବଡ଼ ଭାଇ ମସିହାଖାଲି ଗ୍ରାମର ନିଳ ସାହୁ(୩୩)ଙ୍କୁ ଗିରଫ କରିଛି। ଘଟଣା ବେଳେ ନୀଳ ବ୍ୟବହାର କରିଥିବା ଲୁହା ପନିକିକୁ ପୋଲିସ ଜବତ କରିଛି। ମାମଲା ନମ୍ବର ୨/୨୩ ରେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ମସିହାଖାଲି ଗ୍ରାମର ସୁକୁଟା ସାହୁଙ୍କ ବଡ଼ ପୁଅ ନିଳ ଓ ମଝିଆ ପୁଅ ରାମ ରୁହନ୍ତି। ଘର ଭାଗବଣ୍ଟାକୁ ନେଇ ବିଭିନ୍ନ ସମୟରେ ଉଭୟଙ୍କ ମଧରେ ଝଗଡ଼ା ଲାଗି ରହିଥିଲା। ରବିବାର ରାତିରେ ପୁଣିଥରେ ଦୁଇ ଭାଇଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ବଡ଼ ଭାଇ ନିଳ ରାମଙ୍କ ମୁଣ୍ଡକୁ ଏକ ଲୁହା ପନିକିରେ ଆକ୍ରମଣ କରିଥିଲେ। ଫଳରେ ରାମଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରେ ଆହତଙ୍କ ତାଙ୍କ ବାପା ସୁକୁଟା ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ପରେ ସୁକୁଟା ସାହୁ ତାଙ୍କ ବଡ଼ ପୁଅ ନୀଳଙ୍କ ବିରୋଧରେ ସଦର ଥାନାରେ ଅଭିଯୋଗ କରିଥିଲେ।

## ଶିକ୍ଷା ସମସ୍ୟାକୁ ନେଇ ଆନ୍ଦୋଳନ କରିବ ଏବିଭିପି



ଖବରଦାତା ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

ଆସିକା,୨୧(ଡି.ଏନ.ଏ.)

ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟାକୁ ନେଇ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଆନ୍ଦୋଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହାଛଡା ବିଭିନ୍ନ ସ୍ଥାନରେ ସ୍ଥାନୀୟ ସମସ୍ୟାକୁ ମଧ ଏଥିରେ ସାମିଲ କରାଯିବ ବୋଲି କୁହାଯାଇଛି । ସୋମବାର ସ୍ଥାନୀୟ ରାଧେ ରାଧେ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପରିଷଦର ସଦସ୍ୟମାନେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଦୟନୀୟ ସ୍ଥିତି ସମ୍ପର୍କରେ ମତବ୍ୟକ୍ତ କରିବା ସହ ରାଷ୍ଟ୍ରୀୟ ଶିକ୍ଷାନୀତିକୁ ପ୍ରଣୟନ କରି ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରିବା ଲାଗି ପରିଷଦ ପକ୍ଷରୁ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ ଏବିଭିପିର ରାଜ୍ୟ ସହସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନା ଜେନା, ଘୁମୁସର ଜିଲା ସଂଯୋଜକ ଅନିଲ କୁମାର ସ୍ୱାଇଁ, ଗଞ୍ଜାମ ବିଭାଗ ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆକ୍ରମଣ ମାମଲାରେ ନାବାଳକ ସମେତ ୪ ଧରାପଡିଲେ

ବ୍ରହ୍ମପୁର ଅଫିସ,୨୧

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପି. କ୍ରିଷ୍ଣା ପାତ୍ର, ସୁରଜ କୁମାର ପଟ୍ଟନାୟକ ଓରଫ ରାଜୁ ଓ ଆଶିଷ କୁମାର ସାହୁ। ମାମଲା ନମ୍ବର ୧/୨୩ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ବାଳ ସୁଧାର ଗୃହକୁ ପଠାଯାଇଛି। ପ୍ରକାଶ ଯେ, ରବିବାର ରୋହନ ନାହାକ ନାମକ ଜଣେ ଯୁବକ ତାଙ୍କର ସାଙ୍ଗ ମାନଙ୍କ ସହ ନେହେରୁ ପାର୍କରେ ବୁଲୁଥିଲେ। ଉପରୋକ୍ତ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ରୋହନଙ୍କ ସହ ଝଗଡ଼ା କରିଥିଲେ। ପରେ ସେମାନେ ରୋହନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଥାନାରେ ଅଭିଯୋଗ କଲେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କିଛିସମୟ ପରେ ସେଠାରେ ପହଞ୍ଚି ରୋହନଙ୍କ ତଣ୍ଟି ଉପରେ ଗୋଡ଼ ରଖି ହତ୍ୟା ପାଇଁ ଉଦ୍ୟମ କରିଥିଲେ।

## ହିନ୍ଦ୍ ମଜଦୁର ସଭାର ୭୫ତମ ପ୍ରତିଷ୍ଠା ଦିବସ ପାଳିତ



ସଭାରେ ଉପସ୍ଥିତ ଅତିଥିବୃନ୍ଦ ।

ବ୍ରହ୍ମପୁର ଅଫିସ,୨୧

ହିନ୍ଦ୍ ମଜଦୁର ସଭାର ୭୫ତମ ପ୍ରତିଷ୍ଠା ଦିବସ ଆସ୍କାରୋଡ୍‌ଠାରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ ଯୋଗଦେଇ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, ରେଳବାଇ, କୋଇଲା, ଖଣି, ପୌର ପରିଷଦ ମେଡିକାଲ ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାଇ ଓ ଭଉଣୀମାନଙ୍କୁ ହିନ୍ଦ୍ ମଜଦୁର ସଭା ସାହାଯ୍ୟ, ସହାୟତା ଓ ସହଯୋଗ କରି ଆସିଛି ବୋଲି କହିଥିଲେ। ଏହି ଶ୍ରମିକ ସଙ୍ଗଠନ ସାରା ଦେଶରେ ସ୍ୱାଧୀନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଭାବେ ଉଭା ହୋଇଛି ବୋଲି ଜିଲା ସଂଯୋଜକ ସତ୍ୟ ତ୍ରିପାଠୀ ଉଲ୍ଲେଖ କରିଥିଲେ। ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ନେତା ନରସିଂହ ସାହୁ, ଅରୁଣ ନାହାକ, ଏମ୍. କାଶୀନାଥ, ଶଙ୍କର ଗୌଡ଼ ଓ ନରସିଂହ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପିତାତଳି ଗୋଷ୍ଠୀ ସଂଘର୍ଷ, ବୋମାମାଡ଼ ଘଟଣାରେ ୨ କୋର୍ଟ ଚାଲାଣ

ଗୋପାଳପୁର,୨୧(ଡି.ଏନ.ଏ.)

ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟଣାରେ ଗୋଳନ୍ଥରା ପୋଲିସ ସୋମାବାର ଦୁଇଟି ମାମଲାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାନେ ହେଲେ ପିତାତଳି ଗ୍ରାମର ପି.ଇନ୍ୟାସ ରାଓ, ପି.ମହୋନ ରାଓ । ଖବର ଅନୁସାରେ, ଗତ ୩୧ତାରିଖରେ ପିତାତଳି ଗ୍ରାମରେ ପୂର୍ବଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ବୋମାମାଡ଼ ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୋମବାର ପୋଲିସ ଖବର ପାଇ ଚଢ଼ାଉ କରି ୧/୨୩ ପ୍ରକାରେ ମାମଲାରେ ପି.ଇନ୍ୟାସ ରାଓଙ୍କୁ କାବୁ କରିଥିବା ବେଳେ ୩/୨୩ ମାମଲାରେ ପି.ମହୋନ ରାଓଙ୍କୁ କାବୁ କରିବା ସହ ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ରବିବାର ଗୋଳନ୍ଥରା ଥାନା ଅଧିକାରୀ ପିତାତଳି ଗ୍ରାମରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ କରିଥିବା ବେଳେ ଏଥିରେ ଉତ୍‌କ୍ଷିପ୍ତ ହୋଇ ହିଳାମାନେ ବାଧା ସୃଷ୍ଟି କରିବା ସହ ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ୫/୨୩ ପ୍ରକାରେ ମାମଲା ରୁଜୁ କରିବା ସହ ୪ଜଣରୁ ଉର୍ଦ୍ଧ୍ୱଙ୍କ ନାଁରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ପ୍ରକାଶ।

## କାମରେ ଆସୁନି ଭ୍ରାମ୍ୟମାଣ ଶୌଚାଳୟ, ଧ୍ୟାନ ଦେଉନି ଏନ୍‌ଏସି

ବୁଗୁଡ଼ା,୨୧(ଡି.ଏନ.ଏ.)



ଭ୍ରାମ୍ୟମାଣ ଶୌଚାଳୟ ।

ବୁଗୁଡ଼ା ସହରର ଦୁଇଟି ସ୍ଥାନରେ ଏନ୍‌ଏସି ପକ୍ଷରୁ ରଖାଯାଇଥିବା ଭ୍ରାମ୍ୟମାଣ ଶୌଚାଳୟ ପ୍ରହସନ ପାଲଟିଛି। ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେଲା ଲୋକ ଦେଖାଣିଆ ଥୁଆ ହେଇଛି ତାଲା ଖୋଲାଯାଉନି। ଫଳରେ ଲୋକେ ପୂର୍ବରୁ ଯେଉଁ ରାସ୍ତା କଡ଼ରେ ପରିସ୍ରା କରୁଥିଲେ ଏବେ ସେମିତି ହିଁ ପରିସ୍ରା କରିବାକୁ ବାଧ ହେଉଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ସହରରେ। ସହରର ପଞ୍ଚା ଗଳି ଓ ପ୍ରାଣୀ ଚିକିତ୍ସାଳୟ ପରିସରରେ ଅଧିକାଂଶ ଯାତ୍ରୀ ଓ ଜନସାଧାରଣ ପରିସ୍ରା କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ବଖରା ଥିବା ଦୁଇଟି ଭ୍ରାମ୍ୟମାଣ ଶୌଚାଳୟ ସ୍ଥାପନ କରାଯାଇଛି। ତେବେ ରଖିବା ଦିନଠୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେଲା ସେମିତି ତାଲା ପଡି ରହିଥିବାରୁ ଲୋକେ ସେହି ଶୌଚାଳୟ କଡ଼ରେ ହିଁ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଏସି ପ୍ରଶାସନ ଶୌଚାଳୟ ଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଗଞ୍ଜାମରେ ଚିହ୍ନଟ ହୋଇପାରୁନାହାନ୍ତି କିନ୍ନର

■ ସାମାଜିକ ସୁରକ୍ଷା ବିଭାଗର ଅବହେଳା
■ ସରକାରୀ ଯୋଜନାରୁ ପଡୁଛନ୍ତି ବାଦ

**ଛତ୍ରପୁର,୨।୧(ଡି.ଏନ.ଏ.)**

ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ସହାୟତା ଯୋଜନାରେ ଲୋକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସହାୟତା ମିଳିଥାଏ। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୩ ଗୋଟି ଯୋଜନା ରହିଛି। ଯେପରି ବିଭିନ୍ନ ପ୍ରକାରର ପେନସନ ଯୋଜନା, ବାଣିଶ୍ରୀ ବର୍ତ୍ତି, ଦୃଷ୍ଟିହିନଙ୍କ ନିମନ୍ତେ ଲାପ୍‌ଟପ୍, ଡିଆରଆଇ ଲୋନ୍, ମିଶନ କ୍ଷମତା, ବସ୍ ପାସ, ବରିଷ୍ଠ ନାଗରିକଙ୍କ ପାଇଁ ତ୍ରୀର୍ଥ ଯାତ୍ରା ଯୋଜନା, ସ୍ୱତନ୍ତ୍ର ବିଦ୍ୟାଳୟ, ବୃଦ୍ଧାଶ୍ରମ, ବୟୋଜ୍ୟୋଷ୍ଠ ସମ୍ମାନ ଯୋଜନା, କିନ୍ନର ଯୋଜନା, ବିବାହ ପ୍ରୋତ୍ସାହନ, ଭିନ୍ନକ୍ଷମ ହିତାଧିକାରୀଙ୍କ ବୃତ୍ତି ଆଦି ରହିଛି। ଏହିସବୁ ଯୋଜନାର ଠିକ୍ ସଚେତନତା କରାଯାଉନଥିବାରୁ ପ୍ରକୃତ ହିତାଧିକାରୀମାନେ ଚିହ୍ନଟ ହୋଇପାରୁ ନ ଥିବା ଜଣାପଡିଛି। କିନ୍ନର ଯୋଜନା ରହିଥିଲେ ବି ଗଞ୍ଜାମ ଜିଲାରେ ଥିବା କିନ୍ନରମାନେ କ'ଣ ସବୁ ସୁବିଧା ସେମାନଙ୍କ ପାଇଁ ରହିଛି ତାହା ସେମାନେ ଜାଣନ୍ତି ନାହିଁ ବୋଲି ଛତ୍ରପୁରରେ ଥିବା କିଛି କିନ୍ନରମାନେ ଅଭିଯୋଗ କରିଛନ୍ତି। ଏପରିକି ବହୁ କିନ୍ନର ରହିଥିଲେ ବି ଏଯାବତ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ମଧ୍ୟ ହୋଇପାରୁ ନାହାନ୍ତି କି ସେମାନଙ୍କୁ ପରିଚୟ ପତ୍ର ମିଳିପାରୁନାହିଁ। ଜିଲାରେ ଏଯାବତ ୨୫୭ କିନ୍ନର ଚିହ୍ନଟ ହୋଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ ସୂଚନା ଦେଇଛନ୍ତି । ୨୫୭ ମଧ୍ୟରୁ ବ୍ରହ୍ମପୁର ରେ ୬୨ ରହିଥିବା କହିଥିଲେ। କିନ୍ନର ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ କରି ସେମାନଙ୍କୁ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି । ଏହା ସହ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। କିନ୍ନର ଚିହ୍ନଟ ପରେ ଅନ୍ୟାନ୍ୟ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି ବୋଲି କହିଥିଲେ। ଜିଲାରେ ୫ ଟି କିନ୍ନରମାନେ ସ୍ୱୟଂ ସହାୟକ ଗୋଷ୍ଠୀ କରି ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ବୋଲି କହିଥିଲେ। କିନ୍ତୁ ଏଯାବତ ଆହୁରି ଅନେକ କିନ୍ନର ରହିଛନ୍ତି ଯାହାକି ସେମାନେ ଚିହ୍ନଟ ହୋଇପାରୁନାହାନ୍ତି ବୋଲି କିନ୍ନରମାନେ କହିଛନ୍ତି । ଜିଲା ସାମାଜିକ ସୁରକ୍ଷା ବିଭାଗର ଅବହେଳା ଯୋଗ ବହୁ କିନ୍ନର ଚିହ୍ନଟ ନହେବା ସହ ଯେଉଁମାନେ ଅଛନ୍ତି ସରକାରଙ୍କ କଣ ସବୁ ସୁବିଧା ରହିଛି ସେମାନେ ଜାଣନ୍ତି ନାହିଁ। ଠିକ ସଚେତନତା ଅଭାବରୁ ଏହିସବୁ ଅସୁବିଧା ହେଉଛି ବୋଲି ଛତ୍ରପୁରର କିନ୍ନରମାନେ କହିଛନ୍ତି । ଜିଲାରେ କ୍ୟାମ୍ପ କରି କିନ୍ନର ମାନଙ୍କୁ ଚିହ୍ନଟ କରିବା ସହ କଣ ସବୁ ସୁବିଧା ରହିଛି ସେନେଇ ଏକ ସଚେତନତା କରିବାକୁ ଦାବୀ ଉଠିଛି ।

## ସଂକ୍ଷେପରେ

### ଜି.ଉଦୟଗିରି କାଉନସିଲର ଉପନିର୍ବାଚନ
## ୪ ଜଣଙ୍କ ମଧ୍ୟରେ ହେବ ପ୍ରତିଦ୍ୱନ୍ଦ୍ୱିତା

ଜି.ଉଦୟଗିରି,୨।୧(ଡି.ଏନ୍.ଏ.): ଜି.ଉଦୟଗିରି ଏନ୍‌ଏସିର ୬ ନମ୍ବର ୱାର୍ଡ କାଉନସିଲର ପଦବୀ ପାଇଁ ଆସନ୍ତା ୧୨ତାରିଖରେ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ପ୍ରାର୍ଥିପତ୍ର ଦାଖଲ କରିଥିବା ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କେହି ମଧ୍ୟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିବା ଜଣାପଡ଼ିଛି। କୁଞ୍ଜବିହାରୀ ନାୟକ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସିଦ୍ଧେଶ୍ୱରୀ ନାୟକ ବିଜୁ ଜନତା ଦଳ, ସୁଜାତା ନାୟକ ଭାରତୀୟ ଜନତା ପାର୍ଟି ଓ ରାଖେଲ ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଜଣାପଡ଼ିଛି। ନିର୍ବାଚନ ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ ଚୂଡ଼ାନ୍ତ ତାଲିକା ଘୋଷଣା କରିଛନ୍ତି।

## ବାଚସ୍ପତିଙ୍କୁ ଭେଟିଲେ ମହାବୀର ପରିବାର

ଶେରଗଡ଼,୨।୧(ଡି.ଏନ.ଏ.)-ଶେରଗଡ଼ ଆମ୍ବୁଆବାଡି ଗ୍ରାମରେ ଥିବା ମହାବୀର ପରିବାର ନୂଆବର୍ଷ ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ମହାବୀର ପରିବାର ପକ୍ଷରୁ ସମାଜସେବୀ କୃଷ୍ଣଚନ୍ଦ୍ର ସାହୁ ବାଚସ୍ପତି ଆରୁଖଙ୍କୁ ଭେଟିବା ସହ ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି। ଆରୁଖ ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରେ ହତ୍ୟା ଘଟଣା
## ୩ ଗିରଫ: ବାଇକ୍, ମାରଣାସ୍ତ୍ର ଜବତ

ପାତ୍ରପୁର,୨।୧(ଡି.ଏନ.ଏ.)- ଜରଡା ଥାନା ସାମସନ୍ତିଆପଲ୍ଲୀ ପଞ୍ଚାୟତ ନିକଟରେ ଗତ ଡିସେମ୍ବର ୨୨ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଥିଲା । ଗୋଟିଏ ଗୋଷ୍ଠୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବରୁ ଯୋଜନାବଦ୍ଧ ଭାବେ ସଜାଗ ହୋଇ ଅନ୍ୟ ଗୋଷ୍ଠୀର ୩ ଜଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଜରଡା ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ଆମ୍ବଗାଁ ଗ୍ରାମର ଏମ.ମୋହନରାଓ(୩୩), ଡି.ବାଲେୟା (୨୬) ଓ ଏନ.ରମେଶ(୨୬)। ଅଭିଯୁକ୍ତ ମାନେ ଆନ୍ଧ୍ର ପ୍ରଦେଶର କାବିଟିରୁ ସୀମାନ୍ତ ବଳରାମପୁର ଆସି ରହିଥିବା ବେଳେ ଫେରାର ହେବା ପାଇଁ ଯୋଜନା କରୁଥିଲେ। ଏହି ସମୟରେ ପୋଲିସ କୌଣସି ପ୍ରକାରେ ଖବର ପାଇ ଅଭିଯୁକ୍ତ ମାନଙ୍କୁ କାବୁ କରିଥିଲା । ମୁଖ୍ୟ ଅଭିଯୁକ୍ତ ଏମ.ମୋହନରାଓ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟାଇଥିବା ପୋଲିସ ଆଗରେ ପ୍ରକାଶ କରିଥିବା ବେଳେ ଘଟଣାରେ ୩ଜଣ ଗିରଫ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବା ଜଣାପଡିଛି। ଗିରଫ ବ୍ୟକ୍ତିଙ୍କ ଠାରୁ ମାରଣାସ୍ତ୍ର ସହ ଦୁଇଟି ସ୍କୁଟି ଓ ଗୋଟିଏ ବାଇକ ଜବତ ହୋଇଛି । ଶୀଘ୍ର ଅନ୍ୟ ଅଭିଯୁକ୍ତ ମାନେ ଗିରଫ ହେବେ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମରଣାନ୍ତକ ଆକ୍ରମଣ ଘଟଣାରେ ଆମ୍ବଗାଁ ଗ୍ରାମର ଏମ. ରାମାରାଓଙ୍କ ମୃତ୍ୟୁ ଘଟିଥିବା ବେଳେ ଏମ. କ୍ରିଷ୍ଣା ଓ ଏମ. ଲାଛେଯା ଗୁରୁତର ହୋଇଥିଲେ । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚାରି ଜଣ ଲେଖାଏଁ ଦୁଇଟି ସତନ୍ତ୍ର ଟିମ ଗଠନ କରାଯାଇଥିଲା । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡା ଥାନା ଅଧିକାରୀ ସୁନିଲ କୁମାର ବେହେରା କହିଛନ୍ତି ।

## ଶେଷ ସନ୍ଧ୍ୟାରେ 'ଭୋକ' ମଞ୍ଚସ୍ଥ
### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ସଭାରେ ଉପସ୍ଥିତ ଅତିଥିମାନେ।

**ପାରଳାଖେମୁଣ୍ଡି,୨।୧(ଡି.ଏନ.ଏ.)**

ପାରଳାଖେମୁଣ୍ଡିରେ ଚାଲିଥିବା ନବମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ନାଟକ "ଭୋକ" ମଞ୍ଚସ୍ଥ ହୋଇଛି। ଆୟୋଜକ କ୍ରିଏଟିଭ ଆର୍ଟସର କଳାକାରମାନେ ପରିବେଷଣ କରିଥିବା ଏହି ନାଟକକୁ ପ୍ରଭାକର ପାତ୍ର ରଚନା କରିଥିବା ବେଳେ ମନୋଜ ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ଆଦର୍ଶ ଦାସ ସହ ନିର୍ଦ୍ଦେଶନା ଥିଲେ। ଜଣେ ରିକ୍ସାବାଲାର ଜୀବନୀକୁ ନେଇ ହୋଇଥିବା ଏହି ନାଟକର ସବୁ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ପୌରାଧକ୍ଷା ନିର୍ମଳା ସେଠୀ ମଞ୍ଚାସୀନ ଥିଲେ। ନାଟକର ଏକ୍ସୁଡ଼ିଶାଳ ପାରଳାରେ ଏକ ଦଶନ୍ଧି ଧରି ଅସ୍ଥାୟୀ ମଞ୍ଚ ନିର୍ମାଣ କରି ନାଟକ ପରମ୍ପରା ବଜାୟ ରଖାଯାଇଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଆୟୋଜକଙ୍କ ପକ୍ଷରୁ ସ୍ଥାୟୀ ରଙ୍ଗମଞ୍ଚ ଓ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ପୁଣି ଦାବି ଉଠିଥିଲା। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାରେ ସଭାପତିତ୍ୱ କରିଥିବା ବେଳେ ଯୁଗ୍ମ ସଂପାଦକ ଆଦର୍ଶ ଦାସ ସ୍ୱାଗତ ଭାଷଣ ଓ ସଂପାଦକ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନବିଲରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ


ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଉଛି।

**ପୁରୁଷୋତ୍ତମପୁର/ ଗଞ୍ଜାମ,୨।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ହୁମ୍ମା ମୁଖ୍ୟରାସ୍ତାର କାଲୁଆବାଡି ଗ୍ରାମ ନିକଟ ଏକ ଧାନ ବିଲରୁ ସୋମବାର ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ତାହା ସନ୍ଦେହଘେରରେ ରହିଛି।

ରାସ୍ତାକଡ ଜମିରେ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଉକ୍ତ ସ୍ଥାନଟି ପୁରୁଷୋତ୍ତମପୁର ଓ ରମ୍ଭାର ମଧ୍ୟସ୍ଥଳ ହୋଇଥିବାରୁ ଉଭୟ ଥାନା ପୋଲିସକୁ ଖବର ଦିଆଯାଇଥିଲା। ପୁରୁଷୋତ୍ତମପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଓ ରମ୍ଭା ଥାନା ଆଇଆଇସି ସ୍ୱରୁପ କିଷାନ ଓ ଅନ୍ୟ ପୋଲିସ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳଟି ରମ୍ଭା ଥାନା ଅଞ୍ଚଳରେ ରହିଥିବାରୁ ରମ୍ଭା ପୋଲିସ ମୃତଦେହକୁ ଜବତ କରିଥିଲା। ଏ ନେଇ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ହୋଇଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଛି। ମୃତଦେହ ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ ଏଫଏମଟିକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ଅପରାହ୍ନ ଠାରୁ କାଲୁଆବାଡି ଗ୍ରାମର ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ମୃତଦେହ ନିକଟରେ ହଳେ ଚପଲ ପଡିଥିବା ଓ ତାହା ବାପାଙ୍କର ବୋଲି ନିଖୋଜ ବ୍ୟକ୍ତିଙ୍କ ପୁଅ ସନ୍ଦେହ କରିଛନ୍ତି। ହେଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

## ପ୍ରଶାସନିକ ଅଧିକାରୀଙ୍କୁ ଭେଟିଲେ ପ୍ରେସକ୍ଲବ ସଦସ୍ୟ

**ଗଞ୍ଜାମ,୨।୧(ଡି.ଏନ.ଏ.)**

ଗଞ୍ଜାମ ପ୍ରେସକ୍ଲବ ପକ୍ଷରୁ ନୂତନ ବର୍ଷ ୨୦୨୩ ଅବସରରେ ପ୍ରଶାସନିକ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ପ୍ରେସ କ୍ଲବ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟମାନେ ସ୍ଥାନୀୟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ, ତହସିଲଦାର ଅରୁଣ କୁମାର ନାୟକ, ଗଞ୍ଜାମ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଓ ଗଞ୍ଜାମ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସୁଖ ସମୃଦ୍ଧି କାମନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ, ଲୋକଙ୍କ ସାମୂହିକ ସମସ୍ୟାର ସମାଧାନ ଓ ଲୋକଙ୍କ ସରକ୍ଷାକୁ ନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ସହ ସମ୍ପାଦକ ନିରଞ୍ଜନ ପରିଡା, ରାକେଶ କୁମାର ଦାସ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ବିଜୟଲକ୍ଷ୍ମୀ ମହାନ୍ତୁଡ଼, ବଟକୃଷ୍ଣ ରାଉଳ, କେ. ରାଜନୀକାନ୍ତ ରେଡ଼ି, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ଜିମ୍ ଉଦ୍‌ଘାଟନ କଲେ ଦକ୍ଷିଣାଞ୍ଚଳ ଆଇଜି


ଜିମ୍ ଉଦଘାଟନ କରାଯାଉଛି।

**ଛତ୍ରପୁର,୨।୧(ଡି.ଏନ.ଏ.)**

ଛତ୍ରପୁର ପୋଲିସ ପଡିଆ ଠାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଏକ ଜିମ୍ ଖୋଲିଛି। ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଡିଆଇଜି ବ୍ରିଜେଶ କୁମାର ରାୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ ଓ ପି. କେ. ଦଳାଇ, ଡିଏସପି ଅଜୟ କୁମାର ମିଶ୍ର ଓ ଶ୍ରାବଣୀ ନାୟକ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ, ଚମାଖଣ୍ଡି ଥାନାଧିକାରୀ ସୁଦୀପ୍ତ ସାହୁ, ବରିଷ୍ଠ କିରାଣି ଏ. ରାବଣା ରାଓଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସକୁ ଦୃଷ୍ଟିରେ ରଖି ଏହି ଜିମ ଖୋଲିଛି। ବାଲାଲ ଖାନ ଓ ଜିତେଶ କୁମାର ଦାସ ଏଠାରେ ପ୍ରଶିକ୍ଷଣ ଦେବେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶେରଗଡ଼ ବ୍ଲକ ବିଜେଡି ନେତା


ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ଶେରଗଡ଼ର ଦଳୀୟ ନେତାମାନେ।

**ଶେରଗଡ଼,୨।୧(ଡି.ଏନ.ଏ.)**

ଶେରଗଡ଼ ବ୍ଲକର ବିଜେଡି ନେତାମାନେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଶେରଗଡ଼ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ବିଜେଡି ଯୁବ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଉପାଧ୍ୟକ୍ଷାଙ୍କ ସ୍ୱାମୀ କାହ୍ନୁ ଚରଣ ପଟ୍ଟନାୟକ, ବରିଷ୍ଠନେତା ହୀନ ବେହେରା, ଦିଗାମ୍ବର ନାହାକ, ଜିଲା ପରିଷଦଙ୍କ ସ୍ୱାମୀ ବରୁଣ ପଲେଇ ପ୍ରମୁଖ ଭୁବନେଶ୍ୱର ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଲାଗି ପ୍ରସ୍ତୁତି

**ଛତ୍ରପୁର,୨।୧(ଡି.ଏନ.ଏ.)**

ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ପ୍ରକାରେ ଗଞ୍ଜାମ ଜିଲାରେ ଚଳିତ ମାସରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି କରାଯିବାକୁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଜିଲାର ଜନସାଧାରଣ ସେମାନଙ୍କ ଅଭିଯୋଗ ନିର୍ଦ୍ଧାରିତ ଦିନ ଓ ସ୍ଥାନଗୁଡିକରେ ଜଣାଇ ପାରିବେ। ଆସନ୍ତା ୯ ତାରିଖ ଦ୍ୱିତୀୟ ସୋମବାର ଚିକିଟି ବ୍ଲକ, ୧୬ ତାରିଖ ତୃତୀୟ ସୋମବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ୨୩ ତାରିଖ ଚତୁର୍ଥ ସୋମବାର ଛୁଟି ଦିବସ ଥିବାରୁ ୨୪ ତାରିଖ ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ୩୦ ତାରିଖ ପଞ୍ଚମ ସୋମବାର ହିଞ୍ଜିଳି ବ୍ଲକଠାରେ ଯୁଗ୍ମ ଅଭିଯୋଗ ଶୁଣାଣି କରାଯିବାକୁ ସ୍ଥିର ହୋଇଛି।

## ବେଗୁନିଆପଡ଼ାରେ ଜିରୋ ନାଇଟ୍ ସେଲିବ୍ରେଶନ

**ବେଗୁନିଆପଡ଼ା,୨।୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିରୋ ନାଇଟ୍ ଅର୍ଥାତ୍ ଡିସେମ୍ବର ୩୧ ରାତିରେ ନବବର୍ଷ ସେଲିବ୍ରେଶନ ପାଇଁ ଏକ ସାମାଜିକ ନାଟକ ଗଞ୍ଜାମ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବେଗୁନିଆପଡ଼ା ଜଗତିସାହିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋଦଳାର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ଓ ତାଙ୍କ ସ୍ତ୍ରୀ ସୁନୀତାପ୍ରଭା ସାହୁ ଯୋଗଦେଇ 'କଣ୍ଢେଇ ରାଜା ମୋ ବାଇଦ ବଜା'କୁ ଉଦ୍‌ଘାଟନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନାରାୟଣ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହା ସଚିବ ଦଣ୍ଡପାଣି ମହାପାତ୍ର, ଗଙ୍ଗାଧର ସାହୁ ବିଜ୍ଞାନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ.ପୀତାମ୍ବର ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଓ ଟିଭି ଧାରାବାହିକ ଦ ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସର ୪ ବ୍ୟଙ୍ଗ କଳାକାର ଯୋଗଦେଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅନ୍ୟପଟେ ବେଗୁନିଆପଡ଼ା ନୂଆସାହିରେ ମଧ୍ୟ ଅନ୍ୟ ଏକ ମଞ୍ଚରେ ସାମାଜିକ ନାଟକ ପରିବେଷଣ ସହ ଜିରୋ ନାଇଟ୍ ସେଲିବ୍ରେଶନ୍ କରିଥିଲେ ବିଧାୟିକା ଲତିକା ପ୍ରଧାନ। ସେ ତାଙ୍କର ସମର୍ଥକଙ୍କ ସହ ବିଭିନ୍ନ ଜନପ୍ରତିନିଧି ମାନଙ୍କ ଗହଣରେ ରୋଡ୍ ଶୋ ଏବଂ ନାଟକ ଉଦ୍‌ଘାଟନ କରିଥିଲେ।

## ଗ୍ରାମାଞ୍ଚଳସ୍ତରୀୟ କ୍ରିକେଟ, ସୁପରସିକ୍ସ ଚାମ୍ପିୟନ


ଉପସ୍ଥିତ ଅତିଥି ଓ ଖେଳାଳି।

**ବୁଗୁଡା,୨।୧(ଡି.ଏନ.ଏ.)**

ବୁଗୁଡା ବ୍ଲକ ତାଳଶାକରରେ ନବବର୍ଷ ପାଳନ ଉପଲକ୍ଷେ ଏକ ଗ୍ରାମାଞ୍ଚଳସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ତାଳଶାକରର ସୁପରସିକ୍ସ ଓ ରୟଲ୍ ଗ୍ରୁପ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ସୁପରସିକ୍ସ ଟିମ୍ ବିଜୟୀ ହୋଇଛି। ଉଦ୍‌ଯାପନୀ ସଭାରେ କ୍ରୀଡା ଶିକ୍ଷକ ଗୋପାଳ ପାତ୍ର ମୁଖ୍ୟ ଅତିଥି, ଗୋପାଳକୃଷ୍ଣ ସ୍ୱାଇଁ ଓ ଉଦ୍ୟୋକ୍ତା ସନ୍ତୋଷ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁପର ସିକ୍ସ ଟିମକୁ ଚାମ୍ପିୟନ ସିଲ୍ଡ ଓ ରୟଲ ଗ୍ରୁପ କ୍ରିକେଟ ଟିମ୍‌କୁ ରନର୍ସ ସିଲ୍ଡ ପ୍ରଦାନ କରିଥିଲେ। ଏଥିସହ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଗୌରାଙ୍ଗ ପଣ୍ଡା ଏବଂ ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଭାବେ ଟିକୁନ୍ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।

## ୩ ମୃତ ବାରହା ଜବତ, ଦୁଇ ଶିକାରୀ ଗିରଫ

**ପାତ୍ରପୁର,୨।୧(ଡି.ଏନ.ଏ.)**

ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ମହାଲିୟ ଅଞ୍ଚଳରୁ ବାରହା ଶିକାର ବେଳେ ୨ଜଣ ଶିକାରୀଙ୍କୁ ସାମନ୍ତିଆପଲ୍ଲୀ ବନ ବିଭାଗ ଗିରଫ କରିଛି । ସେମାନେ ହେଲେ ସୁମାଣ୍ଡି ଗ୍ରାମର ଗୌର ପ୍ରଧାନ ଓ କୁରେଶୁ ଶବର। ଉଭୟେ ବାରହା ମାଂସ ବିକ୍ରି ପାଇଁ ପ୍ରସ୍ତୁତ ହେଉଥିବା କୌଣସି ପ୍ରକାରେ ଖବରପାଇ ସୁରଙ୍ଗି ଫରେଷ୍ଟର ଓ ତାଙ୍କ ଟିମ ଚଢ଼ାଉ କରିଥିଲେ। ଏ ନେଇ ନଂ ୨୬୯/୨୨-୨୩ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ମନୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି ।

## ଅଟୋ ଚାଳକ, ମାଲିକ ସଂଘର ଆମରଣ ଅନଶନ


ଅଟୋ ଚାଳକ, ମାଲିକ ସଂଘର ସମ୍ମିଳନୀ ।

**ପାରଳାଖେମୁଣ୍ଡି,୨।୧(ଡି.ଏନ.ଏ.)**

ପାରଳାଖେମୁଣ୍ଡିସ୍ଥିତ କଲେଜ ଛକ ନିକଟ ଅଟୋଷ୍ଟାଣ୍ଡ ସମ୍ମୁଖରେ ଅଟୋ ଚାଳକ ଓ ମାଲିକ ସଂଘ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ ଆରମ୍ଭ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଅତ୍ୟଧିକ ଜରିମାନା ଆଦାୟ ବିରୋଧରେ ପୂର୍ବରୁ ସାତ ଦଫା ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ସେ ସମୟରେ ପ୍ରଶାସନ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏ ଯାଏ ଦାବି ପୂରଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛି । ୭ ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ସଂଘର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ବିଷୋୟୀ, ସଂଘ ସମ୍ପାଦକ ଅନନ୍ତ ମିଶ୍ର ପ୍ରମୁଖ କର୍ମକର୍ତ୍ତାମାନେ କହିଛନ୍ତି।